## ● ଦେଶରେ କୋଭିଡ୍ ଟିକା ଏବେ ପରୀକ୍ଷା ପର୍ଯ୍ୟାୟରେ

**ନୂଆଦିଲ୍ଲୀ, ୧୪।୯/ଏଜେନ୍ସି:** ସଂପ୍ରତି ଭାରତର ୩ଟି କୋଭିଡ୍-୧୯ ପ୍ରତିଷେଧକ ଟିକା କ୍ଲିନିକାଲ ଟ୍ରାଏଲ ପର୍ଯ୍ୟାୟରେ ରହିଛି। ଏ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଆଇସିଏମ୍ଆର ଡିଜି ବଲରାମ ଭାର୍ଗଭ କହିଛନ୍ତି ଯେ, ଏବେ ୩ଟି କୋଭିଡ୍-୧୯ ପ୍ରତିଷେଧକ ଟିକା ଭାରତରେ କ୍ଲିନିକାଲ ଟ୍ରାଏଲ ପର୍ଯ୍ୟାୟରେ ରହିଛି। କ୍ୟାଡିଲା ଏବଂ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଟିକାର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ଶେଷ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ପାଇଁ ପ୍ରସ୍ତୁତି ଚାଲିଛି। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଟିକା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି ଏବଂ କ୍ଲିୟରାନ୍ସ ପରେ ଦେଶର ୧୪ଟି ସ୍ଥାନରେ (୧୫୦୦ ରୋଗୀଙ୍କ ଶରୀରରେ) ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ ହେବ।

## ● ଅରୁଣାଚଳ ସୀମାରେ ସେନା ଠୁଳ କରୁଛି ଚୀନ୍

**ନୂଆଦିଲ୍ଲୀ, ୧୪।୯/ଏଜେନ୍ସି:** ଲଦାଖର ରେଜାଙ୍ଗ ଲା-ରେଚେନ୍ ଲା ଅଞ୍ଚଳରେ ଚୀନ୍ ସେନା ଘୋର ପ୍ରତିରୋଧର ସାମ୍ନା କରିବାରୁ ଏବେ ଅରୁଣାଚଳ ପ୍ରଦେଶର ୪ଟି ସ୍ଥାନରେ ନିଜର କାୟା ବିସ୍ତାର କରିବାକୁ ଉଦ୍ୟମ କରୁଛି। ଭାରତୀୟ ଅଞ୍ଚଳ ଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା ଅରୁଣାଚଳ ସୀମାର ଆସଫିଲା, ଟୁଟିଙ୍ଗ ଅକ୍ଷ, ଚାଙ୍ଗ ଟେଜ୍ ଏବଂ ପିସ୍ତାଇଲ୍-୨ ସେକ୍ଟରରେ ଚୀନ୍ ତାର ସୈନ୍ୟ ଠୁଳ କରିଛି ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି। ଏହି ଅଞ୍ଚଳରେ ଚୀନ୍ ସୈନ୍ୟ କିଛି ଜନଶୂନ୍ୟ ଅଞ୍ଚଳ କିମ୍ବା କାବୁ କରିପାରେ ବୋଲି ଅନୁମାନ କରାଯାଉଛି। ଚୀନ୍‌ର ଏପରି ଉଦ୍ୟମକୁ ପଣ୍ଡ କରିବାକୁ ଭାରତୀୟ ସେନା ପୁରା ପ୍ରସ୍ତୁତ ରହିଛି।

## ● ପଶ୍ଚିମବଙ୍ଗରେ ପୂଜକଙ୍କୁ ମିଳିବ ଘର ଓ ମାସିକ ଭତ୍ତା

**କୋଲକାତା, ୧୪।୯/ଏଜେନ୍ସି:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗରିବ ପୂଜକଙ୍କ ପାଇଁ କେତେକ ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁଯାୟୀ ଗରିବ ପୂଜକଙ୍କୁ ମାସିକ ୧୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ। ଏଥିସହିତ ମମତା ଏକ ଦଳିତ ଏକାଡେମୀ ପ୍ରତିଷ୍ଠା ଏବଂ ହିନ୍ଦୀ ଏକାଡେମୀ ଓ ରାଜବଂଶୀ ଏକାଡେମୀର ସମ୍ପ୍ରସାରଣ ଲାଗି ମଧ୍ୟ ଘୋଷଣା କରିଛନ୍ତି। ଏହା ବ୍ୟତୀତ ସେ ତାଙ୍କ ସରକାରର 'ସର୍ବ ଧର୍ମ ସମନ୍ୱୟ' ଆଭିମୁଖ୍ୟର ଏକ ଅଂଶ ଭାବରେ ବାଙ୍କୁଡା ବିଷ୍ଣୁପୁରରେ ଚତୁର୍ଦ୍ଦଶ ଶତାବ୍ଦୀର ଐତିହ୍ୟ ମନ୍ଦିରଗୁଡିକର ପୁନରୁଦ୍ଧାର ପ୍ରତି ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

## ● ୧୦ ଦିନ ପାଇଁ ପୁଲିସ ହାଜତକୁ ଗଲେ ଉମର ଖାଲିଦ

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି :** ଜବାହରଲାଲ୍ ନେହରୁ ୟୁନିଭର୍ସିଟି (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ଉମର ଖାଲିଦଙ୍କୁ ୧୦ ଦିନ ପାଇଁ ପୁଲିସ ହାଜତକୁ ପଠାଇ ଦେଇଛନ୍ତି କୋର୍ଟ। ଉତ୍ତର-ପୂର୍ବ ଦିଲ୍ଲୀରେ ସୃଷ୍ଟି ସାମ୍ପ୍ରଦାୟିକ ଦଙ୍ଗାରେ ତାଙ୍କର ବିବାଦୀୟ ଭୂମିକା ପ୍ରତି ଦୃଷ୍ଟିପାତ କରି କୋର୍ଟ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରବିବାର ରାତିରେ ଉମରଙ୍କୁ ଦିଲ୍ଲୀ ପୁଲିସ ଗିରଫ କରିବା ପରେ ସୋମବାର ଅପରାହ୍ଣରେ କାର୍କାରଡୁମା କୋର୍ଟରେ ହାଜର କରିଥିଲା। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ତାଙ୍କୁ ପ୍ରାୟ ୧୦ ଘଣ୍ଟା ଧରି ଜେରା କରିଥିଲା।